# NATIONAL NEWS BULLETIN (ODIA)

## 22 March - 2026

## Morning Bulletin : 7.15 a.m.

********************************

## <u>ମୁଖ୍ୟ ସମ୍ବାଦ</u>

- କେରଳମ୍ ବିଧାନସଭା ନିର୍ବାଚନ ପାଇଁ ୧୧ ଓ ଆସାମ ବିଧାନସଭା ପାଇଁ ୨ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କଲା ବିଜେପି ।
- ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର କୌଣସି ଅଭାବ ନଥିବା ସ୍ପଷ୍ଟ କଲେ ସରକାର ।
- ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପରେ ଶ୍ରୀଲଙ୍କାରେ ଇନ୍ଧନ ମୂଲ୍ୟ ୩୦ ପ୍ରତିଶତ ବୃଦ୍ଧି ।
- ୪୮ଘଣ୍ଟା ମଧ୍ୟରେ ହର୍‌ମୁଜ ପ୍ରଣାଳୀ କାର୍ଯ୍ୟକ୍ଷମ ନ'କଲେ ଇରାନ୍‌ର ଶକ୍ତିକେନ୍ଦ୍ର ଗୁଡ଼ିକ ଉପରେ ଆକ୍ରମଣ ନେଇ ଆମେରିକାର ଚେତାବନୀ ।

ଏବଂ

- ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନିମନ୍ତେ ଭାରତୀୟ କ୍ରିକେଟ୍ ଦଳର ଆୟରଲ୍ୟାଣ୍ଡ ଗସ୍ତର କାର୍ଯ୍ୟସୂଚୀ ଘୋଷଣା କଲା ବିସିସିଆଇ ।

# ବିଜେପି-କେରଳମ୍ ଥାର୍ଡ ଲିଷ୍ଟ

କେରଳମରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ୧୧ ଜଣ ପ୍ରାର୍ଥୀଙ୍କ ତୃତୀୟ ତାଲିକା ପ୍ରକାଶ କରିଛି। ତାଲିକାରେ କୋଭାଲମ ବିଧାନସଭା ଆସନରୁ ଟି ଏନ୍ ସୁରେଶ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ, ପିରୁମାଡେ ଆସନରୁ ଭି ରଥେଶ, ମାଭେଲିକାରାରୁ ଅଜିମୋନ, ଆରୁଭିକ୍କାରା ଆସନରୁ ବିବେକ ଗୋପନ ଏବଂ ଚାଭାରା ଆସନରୁ କେ ଆର ରାଜେଶ ପ୍ରାର୍ଥୀ ହେବେ । ପ୍ରାର୍ଥୀମାନଙ୍କ ନାମ ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ଦ୍ୱାରା ଚୂଡ଼ାନ୍ତ କରାଯାଇଛି। କେରଳମରେ ୧୪୦ ସଦସ୍ୟ ବିଶିଷ୍ଟ ବିଧାନସଭା ପାଇଁ ଆସନ୍ତା ମାସ ୯ ତାରିଖରେ ଭୋଟ୍‌ଗ୍ରହଣ ଓ ମେ' ମାସ ୪ ତାରିଖରେ ଭୋଟ୍‌ଗଣତି ହେବ ।

ସେହିପରି ଆସାମର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ଦୁଇଜଣ ପ୍ରାର୍ଥୀଙ୍କ ଦ୍ୱିତୀୟ ତାଲିକା ପ୍ରକାଶ କରିଛି। ତାଲିକା ଅନୁସାରେ, ସୁଶ୍ରୀ କୃଷ୍ଣ ସାହା' ଡାଲଗାଓଁ ବିଧାନସଭା ଆସନରୁ ଏବଂ ଜୀବନ ଗୋଗୋଇ' ସିସିବରଗାଓଁ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଅନ୍ୟପକ୍ଷରେ ଦଳପକ୍ଷରୁ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରାଯାଇଛି । ଏଥିରେ  ୯ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇଛି । ତାଲିକାରେ ମନ୍ନାଡିପେଟରୁ ଗୃହମନ୍ତ୍ରୀ ନମସିଭ୍ୟମ୍, ରାଜଭବନରୁ ରାଜ୍ୟ ସଭାପତି ଭି.ପି. ରାମଲିଙ୍ଗମ୍, ମୁଦାଲିଆରପେଟରୁ ମନ୍ତ୍ରୀ ଜନ୍ କୁମାର ଏବଂ ମାନଭେଲିରୁ ବିଧାନସଭା ବାଚସ୍ପତି ଆର. ସେଲଭାମ୍ ପ୍ରମୁଖ ପ୍ରାର୍ଥୀ ଅଛନ୍ତି। ବିଧାନସଭା ସାଧାରଣ ନିର୍ବାଚନ ପାଇଁ ପୁଡୁଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ଏପର୍ଯ୍ୟନ୍ତ ମୋଟ ୧୩୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

## ଗଭ-ଏଲ୍‌ପିଜି

ରାଜ୍ୟଗୁଡ଼ିକୁ ଆଉ ଅତିରିକ୍ତ ୨୦ ପ୍ରତିଶତ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣକୁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ମୋଟ୍ ଏଲପିଜି ଆବଣ୍ଟନ ୫୦ ପ୍ରତିଶତକୁ ବୃଦ୍ଧି ପାଇବ। ସେଥିମଧ୍ୟରେ ପିଏନ୍‌ଜି ସମ୍ପ୍ରସାରଣ କ୍ଷେତ୍ରରେ ସହଜତା ଆଧାରିତ ୧୦ ପ୍ରତିଶତ ଆବଣ୍ଟନ ଅର୍ନ୍ତଭୁକ୍ତ। ଏହି ଅତିରିକ୍ତ ଏଲ୍‌ପିଜି ରାଜ୍ୟଗୁଡ଼ିକର ରେଷ୍ଟୁରାଣ୍ଟ, ଢାବା, ହୋଟେଲ, କ୍ୟାଣ୍ଟିନ, ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଆଦିକୁ ଆବଣ୍ଟନ ପାଇଁ ପ୍ରାଥମିକତା ପ୍ରଦାନ କରାଯିବ। ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର କୌଣସି ଅଭାବ ନାହିଁ ବୋଲି ସରକାର ସ୍ପଷ୍ଟ

କରିଛନ୍ତି। ଏଥିପାଇଁ ଭୟଭୀତ ନ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଘରୋଇ ଏଲ୍‌ପିଜି ଉତ୍ପାଦନ ବୃଦ୍ଧି କରାଯାଇଛି। ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ପିଏନ୍‌ଜି ସଂଯୋଗକୁ ପ୍ରାଥମିକତା ଦେବା ଲକ୍ଷ୍ୟ ନେଇ ସହରାଞ୍ଚଳରେ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରମୁଖ ସହର ଏବଂ ସହରାଞ୍ଚଳରେ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ପିଏନ୍‌ଜି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ବେଆଇନ ମହଜୁଦକାରୀ ଏବଂ କଳାବଜାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର’ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ, ଭାରତୀୟ ନାବିକଙ୍କ ସୁରକ୍ଷା ଏବଂ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ନିରନ୍ତରତା ବଜାୟ ରଖିବା ପାଇଁ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି।

ପଶ୍ଚିମ ଏସିଆରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି। ସଂଘର୍ଷ ଆରମ୍ଭ ହେବା ପରଠାରୁ ପ୍ରାୟ ୩ ଲକ୍ଷ ୩୦ ହଜାର ଲୋକ ସେହି ଅଞ୍ଚଳରୁ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି। ବିଭିନ୍ନ ଦେଶରୁ ବିମାନ

ଉଡ଼ାଣ ଜାରି ରହିଛି ଏବଂ ଆକାଶପଥ ପ୍ରତିବନ୍ଧକ ଥିବା ଅଞ୍ଚଳଗୁଡ଼ିକ ପାଇଁ ସରକାରଙ୍କ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଶ୍ରୀଲଙ୍କା ଫୁଏଲ ପ୍ରାଇସ୍

ଶ୍ରୀଲଙ୍କାର ସରକାରୀ ସିଲନ୍ ପେଟ୍ରୋଲିୟମ୍ କର୍ପୋରେସନ୍ ଆଜିଠାରୁ ଇନ୍ଧନ ମୂଲ୍ୟରେ ବୃଦ୍ଧି କରିଛି । ପଶ୍ଚିମ ଏସିଆ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ଯୋଗୁଁ ତୈଳ ମୂଲ୍ୟ ବୃଦ୍ଧି ପାଇଛି ବୋଲି ଦର୍ଶାଯାଇଛି । ସୂଚନା ଅନୁଯାୟୀ ଇନ୍ଧନ ମୂଲ୍ୟରେ ୨୪ ରୁ ୩୦ ପ୍ରତିଶତ ବୃଦ୍ଧି କରାଯାଇଛି। କିରୋସିନ୍ ମୂଲ୍ୟ ମଧ୍ୟ ପ୍ରତି ଲିଟରରେ ୬୦ ଟଙ୍କା ବୃଦ୍ଧି ପାଇ ୨୫୫ ଟଙ୍କା ହୋଇଛି ।

ପଶ୍ଚିମ ଏସିଆ ବିବାଦ ଆରମ୍ଭ ହେବା ପରେ ଏହି ସର୍ବଶେଷ ସଂଶୋଧନ ଦ୍ୱିତୀୟ ମୂଲ୍ୟ ବୃଦ୍ଧି। ପ୍ରମୁଖ ଇନ୍ଧନ ବର୍ଗଗୁଡ଼ିକରେ ପ୍ରାୟ ୩୫ ପ୍ରତିଶତ ମୂଲ୍ୟ ବୃଦ୍ଧି ହୋଇଥିବା ଜଣାପଡିଛି ।

## ଏମ୍‌ସିଜିଏସ୍-ମୋଡିଫିକେସନସ

କେନ୍ଦ୍ର ସରକାର ୨୦୨୫-୨୬ ବଜେଟ୍ ଅନୁଯାୟୀ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ନିର୍ମାତା ଏବଂ ରପ୍ତାନିକାରୀଙ୍କୁ ସହାୟତା କରିବା

ପାଇଁ ମ୍ୟୁଚୁଆଲ୍ କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନାରେ ପରିବର୍ତ୍ତନ କରିଛନ୍ତି। ଏହି ଯୋଜନା ଜାତୀୟ କ୍ରେଡିଟ୍ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ ଦ୍ୱାରା ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ଉପକରଣ ଏବଂ ଯନ୍ତ୍ରପାତି କ୍ରୟ କରିବା ଲାଗି ପାଇଁ ଯୋଗ୍ୟ MSMEଗୁଡ଼ିକୁ ମଞ୍ଜୁର କରାଯାଇଥିବା ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ପାଇଁ ୬୦ ପ୍ରତିଶତ ଗ୍ୟାରେଣ୍ଟି ପ୍ରଦାନ କରିଥାଏ। ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଏହି ଗ୍ୟାରେଣ୍ଟି ଏମ୍ଏସ୍ଏମ୍ଇ ଗୁଡ଼ିକ ଉପରେ ଋଣଜନିତ ବୋଝ ହ୍ରାସ କରିବା ସହ ରପ୍ତାନି ଉପରେ ପ୍ରୋତ୍ସାହନ ପ୍ରଦାନ କରିଥାଏ। ସଂଶୋଧିତ ନିୟମ ଅନୁଯାୟୀ, ପାଞ୍ଚ ପ୍ରତିଶତ ଅଗ୍ରୀମ ଅବଦାନକୁ ଫେରସ୍ତଯୋଗ୍ୟ କରାଯିବା ସହ ଚତୁର୍ଥ ବର୍ଷରୁ ପ୍ରତିବର୍ଷ ଏକ ପ୍ରତିଶତ ଫେରସ୍ତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିରେ ଯନ୍ତ୍ରପାତି ଏବଂ ଉପକରଣ କ୍ରୟ ପାଇଁ ସର୍ବନିମ୍ନ ପ୍ରକଳ୍ପ ମୂଲ୍ୟର ଆବଶ୍ୟକତାକୁ ୭୫ରୁ ୬୦ ପ୍ରତିଶତକୁ ହ୍ରାସ କରାଯାଇଛି।

## ଟ୍ରମ୍ପ ଅଲ୍‌ଟିମେଟମ-ଇରାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌ର ଶକ୍ତି କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିବାକୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯଦି ତେହେରାନ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ହର୍‌ମୁଜ ପ୍ରଣାଳୀକୁ ପୁନର୍ବାର କାର୍ଯ୍ୟକ୍ଷମ ନ

କରେ ତେବେ ଆମେରିକା ଏଭଳି ପଦକ୍ଷେପ ଗ୍ରହଣ କରିବ । ଆଜି ସକାଳେ ଟ୍ରୁଥ୍ ସାମାଜିକ ଗଣମାଧ୍ୟମରେ ଏହି ଚେତାବନୀ ଦେବା ସହ ୪୮ ଘଣ୍ଟା ପରେ ଇରାନ୍ ନୂଆ ଆକ୍ରମଣର ସମ୍ମୁଖୀନ ହେବା ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି ।

ଅନ୍ୟ ଏକ ପୋଷ୍ଟରେ, ଶ୍ରୀ ଟ୍ରମ୍ପ କହିଛନ୍ତି ଇରାନ ବୁଝାମଣା କରିବାକୁ ଚାହୁଁଥିଲେ ମଧ୍ୟ ତାହା କରୁନାହିଁ ।

## ଇଣ୍ଡିଆ-ଆଫ୍ରିକା ଇଲେକ୍ଟ୍ରିସିଟି ସମିଟ

ନୂଆଦିଲ୍ଲୀରେ ଭାରତ ବିଦ୍ୟୁତ୍ ସମ୍ମିଳନୀ ୨୦୨୬ର ତୃତୀୟ ଦିନରେ ଗତକାଲି ଭାରତ-ଆଫ୍ରିକା ରଣନୈତିକ ସହଭାଗୀତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଶକ୍ତି ମନ୍ତ୍ରୀ ମନୋହର ଲାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶକ୍ତି ଏବଂ ନୂତନ ଏବଂ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ, ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନି, ମଲାୱିର ଶକ୍ତି ଏବଂ ଖଣି ମନ୍ତ୍ରୀ ଡକ୍ଟର ଜିନ୍ ମାଥାଙ୍ଗା ଏବଂ ଅନେକ ଆଫ୍ରିକୀୟ ରାଷ୍ଟ୍ରର ମନ୍ତ୍ରୀ ଏବଂ ଶିଳ୍ପ ନେତା ଉପସ୍ଥିତ ଥିଲେ ।

ଆଲୋଚନାରେ ଏକ ସ୍ୱଷ୍ଟ ଏବଂ ଭବିଷ୍ୟତ ଦୃଷ୍ଟିକୋଣକୁ ସାକାର କରିବା ଲାଗି ଭାରତ ଏବଂ ଆଫ୍ରିକା ସମ୍ପର୍କକୁ ଆହୁରି ଗଭୀର କରିବା ଉପରେ ଗୁରୁତ୍ୱ ପ୍ରକାଶ ପାଇଥିଲା । ଉଭୟ ରାଷ୍ଟ୍ର ନବୀକରଣୀୟ ଶକ୍ତି

ସମ୍ପ୍ରସାରଣ, ସଂଯୁକ୍ତ ଗ୍ରୀଡ୍ ସିଷ୍ଟମର ବିକାଶ, ଶକ୍ତି ସଂରକ୍ଷଣ ଏବଂ ସାଂସ୍ଥାଗତ ସୁଦୃଢ଼ୀକରଣ ମାଧ୍ୟମରେ କ୍ଷମତା ନିର୍ମାଣ ଉପରେ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଉଭୟ ପକ୍ଷ ନିବେଶ-ଜଡ଼ିତ ସହଯୋଗ, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ ସରକାରୀ-ଘରୋଇ ସହଭାଗୀତାର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ ।

## ଆଇଏଇଏ-ଡିମୋନା

ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ସୂଚନା ଅନୁଯାୟୀ ଇସ୍ରାଏଲର ଡିମୋନା ସହରରେ ଏକ କ୍ଷେପଣାସ୍ତ୍ରର ପ୍ରଭାବ ସମ୍ପର୍କରେ ଏହା ଅବଗତ ଅଛି ଏବଂ ନେଗେଭରେ ଥିବା ପରମାଣୁ ଗବେଷଣା କେନ୍ଦ୍ରର କ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ। ଏଜେନ୍ସୀ କହିଛି ଏପର୍ଯ୍ୟନ୍ତ ସେଠାକାର ରାଜ୍ୟ ଗୁଡ଼ିକରୁ ମିଳିଥିବା ସୂଚନା ଅନୁଯାୟୀ କୌଣସି ଅସ୍ୱାଭାବିକ ବିକିରଣ ସ୍ତର ଚିହ୍ନଟ ହୋଇନାହିଁ । ଏଜେନ୍ସୀର ମହାନିର୍ଦ୍ଦେଶକ ରାଫେଲ ମାରିଆନୋ ଗ୍ରୋସି କହିଛନ୍ତି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ସେ ପରମାଣୁ ପ୍ରତିଷ୍ଠାନ ନିକଟରେ ସର୍ବାଧିକ ସାମରିକ ସଂଯମତା ପାଳନ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

# କ୍ରିକେଟ୍

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ-ବିସିଦସିଆଇ ଚଳିତ ବର୍ଷ ଜୁନ୍ ମାସରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନିମନ୍ତେ ଆୟରଲ୍ୟାଣ୍ଡ ଗସ୍ତର କାର୍ଯ୍ୟସୂଚୀ ଘୋଷଣା କରିଛି। ପୁରୁଷ କ୍ରିକେଟ୍ ଦଳ ଜୁନ୍ ୨୬ ତାରିଖରେ ବେଲଫାଷ୍ଟରେ ପ୍ରଥମ ଟି୨୦ ଖେଳିବ । ପରେ ୨୮ ତାରିଖରେ ସେହି ସ୍ଥାନରେ ଦ୍ୱିତୀୟ ଏବଂ ଶେଷ ଟି-୨୦ ମ୍ୟାଚ୍ ଖେଳାଯିବ। ଗତ ଆଠ ବର୍ଷ ମଧ୍ୟରେ ଟିମ୍ ଇଣ୍ଡିଆ ତିନିଥର ଆୟରଲ୍ୟାଣ୍ଡ ଗସ୍ତ କରିଛି।

# ଆକାଶଦୀପ୍-ଆଇପିଏଲ୍

ଆଇପିଏଲ କ୍ରିକେଟରେ, କୋଲକାତା ନାଇଟ୍ ରାଇଡର୍ସ - କେକେଆରର ଆକାଶଦୀପ ଆଘାତ ଯୋଗୁଁ ଏହି ସିଜନରୁ ବାଦ ପଡ଼ିଛନ୍ତି। ବେଙ୍ଗଲର ଏହି ୨୯ ବର୍ଷୀୟ ଦ୍ରୁତ ବୋଲର ଗତବର୍ଷ ଆବୁଧାବିରେ ହୋଇଥିବା ନିଲାମରେ ୧ କୋଟି ଟଙ୍କାରେ ଚୁକ୍ତିବଦ୍ଧ ହୋଇଥିଲେ । ହର୍ଷିତ ରାଣା ପୂର୍ବରୁ କେକେଆର ପାଇଁ ଏହି ସିଜନରୁ ବାଦ ପଡ଼ିଛନ୍ତି ଏବଂ ମାଥିଶା ପଥିରଣା ଏବେ ବି ଶ୍ରୀଲଙ୍କା କ୍ରିକେଟରୁ ଅନୁମତି ଅପେକ୍ଷାରେ ଅଛନ୍ତି। ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ

କେକେଆର ଚଳିତମାସ ୨୯ରେ ଓ୍ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଅଭିଯାନ ଆରମ୍ଭ କରିବ।